

ରାଗ ଓ ହିଂସା କିଛି ସମୟରେ ଆମକୁ ସୁରକ୍ଷା ଦେବା ଭଳି ମନେ ହୁଏ, କାରଣ ସେହି ସମୟକୁ ମୁକାବିଲା କରିବା ପାଇଁ ଏହା ଆମକୁ ଏକ ଶକ୍ତି ଯୋଗାଇଥାଏ । ହେଲେ ଏ ଶକ୍ତି କ୍ଷଣସ୍ଥାୟୀ ଏବଂ ଆମକୁ ଅନ୍ଧ ବନାଇ ଦେଇଥାଏ । ପରିସ୍ଥିତିକୁ ସବୁ ଦୃଷ୍ଟିରୁ ଅନୁଧ୍ୟାନ କରି ବିଚାର କରିବା ଲାଗି ଏକ ଶାନ୍ତ ମସ୍ତିଷ୍କ ହିଁ ଜରୁରୀ । - **ଦଲାଇଲାମା, ଧର୍ମଗୁରୁ** @DalaiLama

ତ୍ରିମତ | ପ୍ରବେଶିକା ପରୀକ୍ଷା ପରିଚାଳନା ପାଇଁ ସ୍ୱତନ୍ତ୍ର ଏଜେନ୍ସୀ

ପରୀକ୍ଷା ପରିଚାଳନା ସ୍ୱଚ୍ଛ କରିବ ଏନ୍‌ଟିଏ

ଏଣିକି ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରବେଶିକା ପରକ୍ଷା ପରିଚାଳନା ଏକ ସ୍ୱତନ୍ତ୍ର ଏଜେନ୍ସୀ ଦ୍ୱାରା ନିୟନ୍ତ୍ରିତ ହେବ । ଭାରତ ସରକାରଙ୍କ କ୍ୟାବିନେଟ୍ ଏହାକୁ ମଞ୍ଜୁର କରିବା ପରେ ଦେଶରେ ଏକ ସ୍ୱତନ୍ତ୍ର ଜାତୀୟ ପରୀକ୍ଷା ଏଜେନ୍ସୀ (ଏନ୍‌ଟିଏ) ଗଠନ ପାଇଁ ବାଟ ଖୋଲିଛି । ଏହି ଏଜେନ୍ସୀ ଆଗକୁ ୟୁଜିସି ନେଟ୍, ଡାକ୍ତରୀ ଅନୁଷ୍ଠାନରେ ଆଡ୍‌ମିଶନ ପାଇଁ ନୀଟ୍, ଇଞ୍ଜିନିୟରିଂ ତଥା ଆଇଆଇଟିଗୁଡ଼ିକରେ ଆଡ୍‌ମିଶନ ପାଇଁ ଜେଇଇ-ଆଇଆଇଟି ପରୀକ୍ଷା ପରିଚାଳନା କରିବେ । ଫଳାଫଳ ପ୍ରକାଶନ ସହ ପ୍ରାର୍ଥୀଙ୍କୁ ସର୍ବଭାରତୀୟ ର୍‍ୟାଙ୍କ୍ ଏହି ଏଜେନ୍ସୀ ଜଣାଇବ । ଅର୍ଥାତ୍ ଏବେ ଏହିସବୁ ପରୀକ୍ଷା ପରିଚାଳନା ଓ ଫଳାଫଳ ପ୍ରକାଶ କରୁଥିବା ସିବିଏସ୍‌ଇକୁ ଏହି ଦାୟିତ୍ୱରୁ ମୁକ୍ତି ଦିଆଯିବ । ଫଳରେ ସିବିଏସ୍‌ଇ ଯେଉଁ ଉଦ୍ଦେଶ୍ୟରେ ଗଠନ ହୋଇଥିଲା ତାହାକୁ ଶାଣିତ କରିବାରେ ଅଧିକ ଧ୍ୟାନ ଦେଇପାରିବ । ଅପରପକ୍ଷେ ସ୍ୱତନ୍ତ୍ର ଏଜେନ୍ସୀ କେବଳ ପରୀକ୍ଷା ପରିଚାଳନା କରୁଥିବାରୁ ତାହା ପରୀକ୍ଷା ପାଇଁ ପ୍ରଶ୍ନପତ୍ର, ପରିଚାଳନା, ଓ ଫଳାଫଳ ପ୍ରକାଶ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଓ ଉତ୍ତରଦାୟୀ କରିପାରିବ ବୋଲି ଆଶା କରାଯାଉଛି । ଯଦିଓ ଏହି ଲକ୍ଷ୍ୟ ଏଜେନ୍ସୀର ବାସ୍ତବ ଗଠନ ଉପରେ ନିର୍ଭର କରୁଛି କିନ୍ତୁ ଏନେଇ ମଧ୍ୟ ଅନେକ ବାଦ ବିବାଦ ସୃଷ୍ଟି ହୋଇଛି ।

ଦୀର୍ଘସ୍ଥାୟୀ ହେଲାଭଳି ମନେହେଉନି

ବସନ୍ତ ତ୍ରିପାଠୀ
ପ୍ରିନ୍ସିପାଲ୍, ଭେଙ୍କଟେଶ୍ୱର ଇଂଲିଶ୍ ମିଡିୟମ୍ ସ୍କୁଲ୍

ସିବିଏସ୍‌ଇ ଯେଉଁ ପ୍ରକାରେ ପରୀକ୍ଷା ପରିଚାଳନା କରୁଛନ୍ତି ତାହା ଅନ୍ୟ ପାଇଁ ଉଦାହରଣ ସୃଷ୍ଟି କରିଛି । ଏହାର ପାରଦର୍ଶିତା ସ୍ୱୀକାର୍ଯ୍ୟ । ସେଇଥିପାଇଁ ୟୁଜିସି 'ନେଟ୍' ହେଉ ବା ଡାକ୍ତରୀ କଲେଜ୍‌ରେ ଆଡ୍‌ମିଶନ ପାଇଁ 'ନୀଟ' ଅଥବା ଇଞ୍ଜିନିୟରିଂ ଓ ଆଇଆଇଟିଗୁଡ଼ିକରେ ଆଡ୍‌ମିଶନ ଲାଗି ଜେଇଇ-ଆଇଆଇଟି ପରୀକ୍ଷା ସବୁଥିପାଇଁ ସିବିଏସ୍‌ଇକୁ ଦାୟିତ୍ୱ ଦିଆଯାଇଛି । ଏସବୁକୁ ସେମାନେ ବେଶ୍ ନିଷ୍ଠା ଓ ସ୍ୱଚ୍ଛତାର ସହ ସମାପ୍ତ କରିବା ସହ ଉତ୍ତରଦାୟୀ ମଧ୍ୟ ରହୁଛନ୍ତି । ଏହିକ୍ରମରେ ମୁଁ ଭାବିପାରୁ ନାହିଁ ଆଉ କୌଣସି ସଂସ୍ଥା ଏହାର ସମାନ୍ତରାଳ ହୋଇପାରିବ, ବରଂ ଅନେକ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି ।

ସାରା ଦେଶରେ ସିବିଏସ୍‌ଇର ଏକ ବିଶାଳ ସ୍କୁଲ୍ ନେଟ୍‌ୱର୍କ ରହିଛି । ଏହି ସ୍କୁଲ୍ ଗୁଡ଼ିକ ସିବିଏସ୍‌ଇ ପରିବାରର ଗୋଟିଏ ଗୋଟିଏ ସଦସ୍ୟ । ଏହିକ୍ରମରେ ଯାହାବି ଆଦେଶ ସିବିଏସ୍‌ଇ ପକ୍ଷରୁ ଆସେ ତାହାକୁ ସ୍କୁଲ୍‌ଗୁଡ଼ିକ ନିଷ୍ଠାର ସହ ପାଳନ କରନ୍ତି । ସେ ପ୍ରକାର ପାରିବାରିକ ମନୋଭାବ ଆଉ କୌଣସି ସଂସ୍ଥା ସହ ସିବିଏସ୍‌ଇ ସ୍କୁଲ୍‌ଗୁଡ଼ିକର ରହିବ ନାହିଁ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ତାହା ଏନ୍‌ଟିଏରେ ମିଳିବ କି ନା ତାହା ନେଇ ସନ୍ଦେହ ରହିଛି । ଏଣୁ ଆରମ୍ଭରୁ ହିଁ ଏନ୍‌ଟିଏ ଝୁଣ୍ଟିବା ଆଶଙ୍କା ରହିଛି । ଆଉ ଏମିତି କିଛିଦିନ ପରେ ପୁଣି ସବୁ ଦାୟିତ୍ୱ ପୂର୍ବଭଳି ସିବିଏସ୍‌ଇକୁ ହିଁ ହସ୍ତାନ୍ତର କରାଯିବ ବୋଲି ମୁଁ ଭାବୁଛି । ଅପରପକ୍ଷେ ସିବିଏସ୍‌ଇର କାହିଁକି ସବୁ ପରୀକ୍ଷା ପରିଚାଳନା କରିବ ବୋଲି ଅନେକ ସମୟରେ କିଛି ଘରୋଇ ଅନୁଷ୍ଠାନ ପ୍ରଶ୍ନ ଉଠାଇଛନ୍ତି । ହେଲେ ଏହାର ପରୀକ୍ଷା ପରିଚାଳନା ଓ ମୂଲ୍ୟାଙ୍କନରେ ତ୍ରୁଟି ଦେଖା ଯାଇ ନାହିଁ । ପ୍ରଶ୍ନ ପତ୍ରରେ କେବେ ସମସ୍ୟା ସୃଷ୍ଟି ହୋଇ ନାହିଁ । ନିୟମ ପରିଚାଳନା ଉଚ୍ଚମାନର ରହିଛି । ଏଣୁ ଏହାକୁ ଅଧିକ ମଜଭୁତ କରିବା ବଦଳରେ ଦାୟିତ୍ୱ କାଢ଼ି ନେଇ ଆଉ ଏକ ଏଜେନ୍ସୀ ତିଆରି କରିବା ଯୁକ୍ତିସମ୍ପନ୍ନ ନୁହେଁ । ଏହା ସତ୍ୟ ଯେ, ଦେଶ ସାରା ସମସ୍ତ ପ୍ରବେଶିକା ପାଇଁ ଏକକ ନୀତି, ପରୀକ୍ଷା ପରିଚାଳନା ଓ ସ୍ୱୀକୃତି ବ୍ୟବସ୍ଥା ନିହାତି ଆବଶ୍ୟକ ।

ଏନ୍‌ଟିଏ ଏକ ଉଚିତ ପଦକ୍ଷେପ

ପ୍ରଫେସର ଭଗବାନ ଦାସ
'ନାକ୍'ସଦସ୍ୟ

ଦେଶ ସାରା ଏକକ ପରୀକ୍ଷା ବ୍ୟବସ୍ଥା ପରିଚାଳନା କରିବା ଲାଗି ଭାରତ ସରକାରଙ୍କ କ୍ୟାବିନେଟ୍ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ସ୍ୱାଗତଯୋଗ୍ୟ । ଏହାଦ୍ୱାରା ସିବିଏସ୍‌ଇ ଯେଉଁ ଉଦ୍ଦେଶ୍ୟରେ ଗଢ଼ା ହୋଇଥିଲା ସେଥିପାଇଁ ତାକୁ ଅଧିକ ସମୟ ମିଳିବ । ଫଳରେ ଦେଶରେ ସିବିଏସ୍‌ଇ ସ୍କୁଲ୍‌ଗୁଡ଼ିକର ମାନ ନିୟନ୍ତ୍ରଣ, ପରୀକ୍ଷା ବ୍ୟବସ୍ଥା, ପାଠ୍ୟକ୍ରମ ତଥା ପାଠ୍ୟପୁସ୍ତକ ପ୍ରସ୍ତୁତି ଉପରେ ଅଧିକ ଗବେଷଣା ହେବା ସହ ତାହାକୁ ଉଚିତ ଭାବେ ଲାଗୁ କରାଯାଇ ପାରିବ । ଅପରପକ୍ଷେ ଦେଶରେ ଏକକ ପରୀକ୍ଷା ବ୍ୟବସ୍ଥା ହେଲେ ତାହା ଦ୍ୱାରା ଜଣେ ଛାତ୍ରର ସାରା ଦେଶରେ ର୍‍ୟାଙ୍କ୍ କ'ଣ ତାହା ଜଣାପଡ଼ିବ । ଭବିଷ୍ୟତରେ ଏହି ଛାତ୍ରକୁ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଅନ୍ୟ କୌଣସି ପ୍ରବେଶିକା ଦେବାକୁ ପଡ଼ିବ ନାହିଁ । ଏତେ ପ୍ରକାର ପରୀକ୍ଷା ହେବା ଦ୍ୱାରା ପିଲାଙ୍କ ଖର୍ଚ୍ଚ ବଢ଼ିବା ସହ ସେମାନଙ୍କ ଧୈର୍ଯ୍ୟ ଓ ମାନସିକତା ଉପରେ ନକାରାତ୍ମକ ପ୍ରଭାବ ପଡୁଛି ତାହା ରୋକାଯାଇପାରିବ ।

ଆରମ୍ଭରୁ ସବୁ ବ୍ୟବସ୍ଥାରେ କିଛି ନା କିଛି ସମସ୍ୟା ସୃଷ୍ଟି ହୁଏ । ତାହା ମଧ୍ୟ ଏନ୍‌ଟିଏ ସମ୍ମୁଖୀନ ହୋଇପାରେ । ଏହାକୁ ଏକ ବଡ଼ ଅପରାଧ ବୋଲି ମଧ୍ୟ ଧରିବା ଉଚିତ ନୁହେଁ । ଯେଉଁ ନେଟ୍‌ୱର୍କ କଥା କହୁଛନ୍ତି ସେହି ସ୍କୁଲ୍‌ଗୁଡ଼ିକୁ ଏନ୍‌ଟିଏ ମଧ୍ୟ ପରୀକ୍ଷା ପାଇଁ ଅଧିଗ୍ରହଣ କରିପାରିବ । ଏକକ ପରୀକ୍ଷା ବ୍ୟବସ୍ଥା ହେବା ଦ୍ୱାରା ତାହା ଅଧିକ ସ୍ୱଚ୍ଛ ହୋଇପାରିବ ବୋଲି ଆଶା । ଅପରପକ୍ଷେ ଠିକଣା ଓ ନିର୍ଭୁଲ୍ ମୂଲ୍ୟାୟନ ପାଇଁ ଅଧିକ ସଂଖ୍ୟାରେ ଅବ୍‌ଜେକ୍ଟିଭ୍ ପ୍ରଶ୍ନ ଯୋଡ଼ାଯିବା ଦରକାର । କିନ୍ତୁ ସବ୍‌ଜେକ୍ଟିଭ୍ ପ୍ରଶ୍ନକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିବା ଉଚିତ ନୁହେଁ । ଅଧିକ ଦିନ ସିବିଏସ୍‌ଇ ପରୀକ୍ଷା ଦାୟିତ୍ୱରେ ରହିଲେ ଅଳ୍ପ ଦିନ ଭିତରେ ତାହାର ମୂଳ ଉଦ୍ଦେଶ୍ୟ ଭୁଲିଯିବ । ଯେମିତି ବିପିୟୁଟି ଜେଇଇ ପରିଚାଳନାରେ ବ୍ୟସ୍ତ ରହି ଅଧ୍ୟାପକ ନିଯୁକ୍ତି, ପାଠ୍ୟକ୍ରମ ପରିଚାଳନାରେ ଦୁର୍ବଳ ହେଲା ଏବଂ ପରେ ସାରା ବ୍ୟବସ୍ଥା ପଛକୁ ଚାଲିଗଲା ଠିକ୍ ସେହି ଅବସ୍ଥା ମଧ୍ୟ ମାଧ୍ୟମିକ ଶିକ୍ଷା ବ୍ୟବସ୍ଥାରେ ସୃଷ୍ଟି ହୋଇପାରେ । ଏଣୁ ଭାରତ ସରକାର ଏ ଦିଗରେ ଯତ୍ନବାନ ହେବା ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ।



ମନ୍ତ୍ରୀଙ୍କ ସମୀକ୍ଷା ଯଥାର୍ଥ

ପ୍ରତୀଶ୍ ଆଚାର୍ଯ୍ୟ
ଶିକ୍ଷାବିତ୍

ସାରା ଦେଶରେ ପରୀକ୍ଷା ବ୍ୟବସ୍ଥାକୁ ସ୍ୱତନ୍ତ୍ର ଭାବେ ପରିଚାଳନା, ମୂଲ୍ୟାଙ୍କନ ପାଇଁ ଏକ ସ୍ୱତନ୍ତ୍ର ଏଜେନ୍ସୀର ପରିକଳ୍ପନା କରାଯାଇଛି । ଏହାକୁ ଭାରତ ସରକାର ଅନୁମୋଦନ ମଧ୍ୟ କରିଛନ୍ତି । ପ୍ରାରମ୍ଭିକ ଭାବରେ ଦେଖିଲେ ଏହି ଚିନ୍ତାଧାରାକୁ ଆବଶ୍ୟକୀୟ ଓ ଯୁଗୋପଯୋଗୀ ଚିନ୍ତାଧାରା ଭାବେ ଗ୍ରହଣ କରାଯାଇ ପାରେ । ହେଲେ ପ୍ରକୃତରେ ଏହାର ରୂପାୟନ କିପରି ହେଉଛି ତାହା ଉପରେ ନିର୍ଭର କରିବ ତାହାର ଭବିଷ୍ୟତ । କିନ୍ତୁ ଏବେ ଯେତିକି ଆକଳନ ହେଉଛି ସେଥିରୁ ସ୍ପଷ୍ଟ ଯେ, ଏହା ଦ୍ୱାରା ପରୀକ୍ଷା ପରିଚାଳନା ବ୍ୟବସ୍ଥା ଅଧିକ ବିଶ୍ୱସନୀୟ ହୋଇପାରିବ । ପରିଚାଳନା, ପ୍ରଶ୍ନପତ୍ରକୁ ନେଇ ଯେଉଁ ତ୍ରୁଟି ଅଭିଯୋଗ ଅନେକ ସମୟରେ ହେଉଥିଲା ତାହା ଆଉ ହେବ ନାହିଁ ।

ଜାତୀୟ ପରୀକ୍ଷା ଏଜେନ୍ସୀ (ଏନ୍‌ଟିଏ)ର ରୂପରେଖ ଏଯାଏ ଜଣାପଡ଼ିନାହିଁ । କିନ୍ତୁ ଯେଉଁ ସୂଚନା ଏବେ ମିଳୁଛି ସେଥିରୁ ଜଣାପଡୁଛି ଯେ, ଏହା ଜିଲ୍ଲା ସ୍ତରରେ ପରୀକ୍ଷା ନିୟନ୍ତ୍ରଣ କରିବ । ଏହା ଏକ ଭଲ ପଦକ୍ଷେପ । କାରଣ ପିଲାଙ୍କୁ ଏବେ ପରୀକ୍ଷା ପାଇଁ ଅନେକ ଦୂର ଆସିବାକୁ ପଡୁଥିଲା । ଫଳରେ ପିଲାଙ୍କ ଭିତରେ ବାଛ ବିଚାର ହେଉଥିଲା । ତାହା ଆଉ ହେବ ନାହିଁ । ଅପରପକ୍ଷେ ଜିଲ୍ଲା ସ୍ତରରେ ପରୀକ୍ଷା ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଭିତ୍ତିଭୂମି ତିଆରି ହେବ କି ସ୍କୁଲ୍‌ଗୁଡ଼ିକୁ ସେଥିପାଇଁ ନିଯୁକ୍ତି କରାଯିବ ତାହା ବି ଏବେ ପ୍ରଶ୍ନ ଭିତରେ ରହିଛି । ପୁଣି ଅନ୍‌ଲାଇନ୍ ପରୀକ୍ଷା ବ୍ୟବସ୍ଥା ଆପଣାଯିବ ବୋଲି ଚର୍ଚ୍ଚା ହେଉଛି । ଏହା ମଧ୍ୟ କିଛି ପ୍ରଶ୍ନ ସୃଷ୍ଟି କରୁଛି । କାରଣ ଏକ ସଙ୍ଗେ ଗୋଟିଏ ଜିଲ୍ଲାରେ ଏତେ ସଂଖ୍ୟକ ପିଲାଙ୍କ ପାଇଁ ଅନ୍‌ଲାଇନ୍ ପରୀକ୍ଷା ପରିଚାଳନା ପାଇଁ ଆବଶ୍ୟକ ଭିତ୍ତିଭୂମି କିପରି ସୃଷ୍ଟି ହେବ ? ଆଉ କିଛି ଦିନ ପରେ ଏହା ସ୍ପଷ୍ଟ ହୋଇଯିବ । ଏତିକି ସ୍ପଷ୍ଟ ଯେ, ଏହାଦ୍ୱାରା ସିବିଏସ୍‌ଇ ତା'ର ନିଜ କାମ କରିବାରେ ଅଧିକ ଶାଣିତ ହୋଇପାରିବ । ଦେଶସାରା ସିବିଏସ୍‌ଇ ସ୍କୁଲ୍‌ଗୁଡ଼ିକରେ ଭିତ୍ତିଭୂମି, ପରୀକ୍ଷା, ପାଠ୍ୟକ୍ରମ ପ୍ରସ୍ତୁତି ପାଇଁ ଧ୍ୟାନ ଦେଇ ହେବ । ଅର୍ଥାତ୍ ଏନ୍‌ଟିଏ ଦ୍ୱାରା ଉଚ୍ଚ ଶିକ୍ଷା ପାଇଁ ପ୍ରତିଭା ଚୟନ ବେଶ୍ ସ୍ୱଚ୍ଛ ହେବ ଏବଂ ପ୍ରତିଭା ତିଆରି ମଧ୍ୟ ଅଧିକ ଶାଣିତ ହୋଇପାରିବ ।

ଆପଣ ଏ ପ୍ରସଙ୍ଗରେ ଇ-ମେଲ୍ nitidinedit@gmail.com ଜରିଆରେ ନିଜର ମତାମତ ଦେଇପାରିବେ ।

ଉପସ୍ଥାପନା: ହରିହର ପଣ୍ଡା

ଟ୍ୱିଟ୍ @nitidintoday



ରାଜ୍ୟଗୁଡ଼ିକରେ ଚାଷୀଙ୍କ ସମସ୍ୟା ଶୁଣିବା ଓ ତାହାର ସୁଧାର ପାଇଁ ପଦକ୍ଷେପ ନେବା ଲାଗି କେନ୍ଦ୍ର ରାଜ୍ୟ ସରକାରଙ୍କୁ ପଚାରିବାର ଆବଶ୍ୟକତା ନାହିଁ ।
-ଗଜେନ୍ଦ୍ର ସିଂହ ଶେଖାୱତ୍, କେନ୍ଦ୍ରମନ୍ତ୍ରୀ
@gssjodhpur

କଂଗ୍ରେସର ଡିଏନ୍‌ଏରେ ଦୁର୍ନୀତି ରହିଛି । ସେଇଥିପାଇଁ ଏହା କେବେ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଧ୍ୟାନ ଦେଇ ନାହିଁ । ସାଧାରଣ ଲୋକଙ୍କ ବ୍ୟବହାରରେ ଆସୁଥିବା ଜିନିଷ ଗୁଡ଼ିକ ଉପରୁ ଜିଏସ୍‌ଟି ହାର କମାଯିବା ଆମ ସରକାରଙ୍କ ଦାୟିତ୍ୱବୋଧକୁ ସ୍ପଷ୍ଟ କରୁଛି ।
-ରବିଶଙ୍କର ପ୍ରସାଦ, କେନ୍ଦ୍ରମନ୍ତ୍ରୀ @rsprasad



ବଜାର ଅନୁକୂଳ ପ୍ରତିଦ୍ୱନ୍ଦ୍ୱିତାମୂଳକ ବ୍ୟବସାୟ ପାଇଁ ଭାରତ ସରକାର ବ୍ୟାଣ୍ଡୱିଡ୍‌ଥ୍ ଓ ଡାର୍କ ଫାଇବର୍‌ର ଦର ନିର୍ଦ୍ଧାରଣ କରିଛନ୍ତି ।
-ମନୋଜ ସିହ୍ନା, କେନ୍ଦ୍ରମନ୍ତ୍ରୀ
@manojsinhabjp

ନେହରୁଙ୍କ ଦ୍ୱାରା ଅନୁପ୍ରାଣିତ ଅର୍ଥନୀତିର ଦୁଇଟି ବିଶେଷତ୍ୱ ହେଲା: ୧) ଶ୍ରମିକ ଶ୍ରେଣୀର ଏକତାକୁ ଭାଙ୍ଗି ସେମାନଙ୍କ ଅବମୂଲ୍ୟାୟନ କରିବା ଏବଂ ୨) ବ୍ୟବସାୟୀ ଓ ଶିଳ୍ପ ନେତାମାନଙ୍କୁ ଅବୈଧାନିକ ବୋଲି ଘୋଷଣା କରିବା । ଏହି ଦୁଇଟିଯାକ ନୀତି ଅର୍ଥନୀତିକୁ ବିଶେଷ ପ୍ରଭାବିତ କରିଛି ।
-ରାକେଶ ସିହ୍ନା, ଲେଖକ @RakeshSinha



ଅର୍ଥନୀତିକ ପ୍ରଗତି ଲକ୍ଷ୍ୟରେ ଯେଉଁମାନେ ଜଙ୍ଗଲ ଓ ପରିବେଶର ଧ୍ୱଂସକୁ ସହି କିଛି କହୁ ନଥିଲେ ସେମାନେ ଏବେ ପ୍ରଦୂଷଣକୁ ଦେଖି ଭାରି ଖୁସି ହେଉଥିବେ ।
-ରଞ୍ଜନ ପଣ୍ଡା, ସାମାଜିକ କର୍ମୀ
@ranjanpanda



କୃଷକ, ଗରିବ, ମଧ୍ୟବିତ୍ତ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପାଇଁ ଏ ସରକାରରେ କିଛି ପରିବର୍ତ୍ତନ ଆଶା କରାଯାଇନପାରେ । ଏପରିକି କିଛି କ୍ଷେତ୍ରର ବଡ଼ ଉଦ୍ୟୋଗ ମଧ୍ୟ ଏବେ ପ୍ରଭାବିତ ହୋଇଛନ୍ତି । କିନ୍ତୁ କିଛି ନିର୍ଦ୍ଦିଷ୍ଟ ବର୍ଗର ଉଦ୍ୟୋଗୀ ପରିବାରଙ୍କ ଏହି ସରକାରରେ ଉନ୍ନତି ଘଟିଛି ।
-ଶରଦ ଯାଦବ, ପୂର୍ବତନ କେନ୍ଦ୍ରମନ୍ତ୍ରୀ @SharadYadavMP

ଆମ ନ୍ୟାୟାଳୟ ଯେମିତି ସରକାରୀ ପ୍ରଭାବରୁ ମୁକ୍ତ ରହିବ ସେଥିଲାଗି ପ୍ରଶାନ୍ତ ଭୂଷଣ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି । ଏହି ଯୋଦ୍ଧାଙ୍କୁ ସଲାମ ।
-ଯୋଗେନ୍ଦ୍ର ଯାଦବ, ସାମାଜିକ କର୍ମୀ
@_YogendraYadav

ମୋ ମତରେ

ଚାଷୀଙ୍କ ପାଇଁ କେନ୍ଦ୍ର ଯୋଜନା କରୁ

ଲିଙ୍କନ ପଣ୍ଡା, ବାଙ୍କୀ

ଚାଷୀ ଆତ୍ମହତ୍ୟା ପାଇଁ କେନ୍ଦ୍ର ସରକାର ସିଧାସଳଖ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି । ହେଲେ କେନ୍ଦ୍ର ପ୍ରକୃତରେ ଏକଥା କହୁଛି ନା ରାଜ୍ୟରେ ଅଣ ବିଜେପି ସରକାର ଥିବାରୁ ନିଜର ରାଜନୀତିକ ଫାଇଦା ହାସଲ ପାଇଁ ଏଭଳି ବୟାନ ଦିଆଯାଉଛି ? ଓଡ଼ିଶା ପୂର୍ବରୁ ବିଜେପି ଶାସିତ ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରେ ଅନେକ ଚାଷୀ ଋଣଭାର ଯୋଗୁ ଆତ୍ମହତ୍ୟା କରିବାର ନଜିର ରହିଛି । ହେଲେ କେତେଜଣ କେନ୍ଦ୍ରମନ୍ତ୍ରୀ ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି ? ଓଡ଼ିଶା ପାଇଁ ହଠାତ୍ କେନ୍ଦ୍ର ସରକାରଙ୍କ ଏତେ ଦରଦ କାହିଁକି ? ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓଡ଼ିଶାରେ ୧୨୦ ଆସନ ଜିତିବେ ବୋଲି କହିଛନ୍ତି । ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ବିଜେପି କେନ୍ଦ୍ର ସରକାରଙ୍କୁ ଆଳରେ ରାଜ୍ୟରେ ନିଜର ଆସ୍ଥା ଜମାଇବାକୁ ଚାହୁଁଛି ? ଏପରି ରାଜନୀତିକ ବୟାନବାଜିରୁ ଦଳ ନିବୃତ୍ତ ରହିବା ଦରକାର । କାରଣ ଓଡ଼ିଶାବାସୀ ଭଲ ଭାବେ ଜାଣିଛନ୍ତି, ବିଜେପିର ଅସଲ ଚେହେରା କ'ଣ ? ଯଦି କେନ୍ଦ୍ର ସରକାର ଚାଷୀଙ୍କ ଉନ୍ନତି ଚାହୁଁଛନ୍ତି, ତା'ହେଲେ ବୟାନବାଜି ଛାଡ଼ି ଚାଷୀଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରନ୍ତୁ । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଘୋଷଣା କରନ୍ତୁ । ତା'ହେଲେ ରାଜ୍ୟର ଚାଷୀଙ୍କ ପ୍ରତି କେନ୍ଦ୍ରର ଦରଦ ଥିବା ପ୍ରମାଣିତ ହେବ । ନଚେତ୍ ଏମିତି ବୟାନ ଦେଲେ କିଛି ଲାଭହେବନାହିଁ ।


LET'S MAKE CHINA GREAT AGAIN!
SATISH ACHARYA

ଚୀନ୍-ଆମେରିକା ସମ୍ପର୍କକୁ ନେଇ ସତୀଶ ଆଚାର୍ଯ୍ୟଙ୍କ ବ୍ୟଙ୍ଗଚିତ୍ର । (ସୌ: ଟ୍ୱିଟର)

ଖୋଲାମଞ୍ଚ

ଏଥିରେ ଅନୁପ୍ରବେଶ କୋଉଠୁ ଆସିଲା

ମହେଶ କୁମାର ସାହୁ, ବ୍ୟବସାୟୀ

ରାଜ୍ୟରେ ମରୁଡ଼ି ସ୍ଥିତି ସାଂଘାତିକ । ମରୁଡ଼ି ସାଙ୍ଗକୁ ଚକଡ଼ା ପୋକର ଆତଙ୍କ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ସାରିଲାଣି । କିନ୍ତୁ ଆଜି ଯାଏ ରାଜ୍ୟ ସରକାର ସ୍ଥିତି ଅନୁଧ୍ୟାନ କରିବାକୁ କୃଷିମନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ପଠାଇ ନାହାନ୍ତି । କିନ୍ତୁ ଅନ୍ୟପକ୍ଷେ କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାର ଓଡ଼ିଶା ଚାଷୀଙ୍କ ପରିସ୍ଥିତି ବୁଝିବା ପାଇଁ କୃଷି ରାଷ୍ଟ୍ରମନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ପଠାଇଛି । କେନ୍ଦ୍ରମନ୍ତ୍ରୀ ମରୁଡ଼ି କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ଚାଷୀ ଭୋଗୁଥିବା ସମସ୍ୟା ବାବଦରେ ଅବଗତ ହୋଇଛନ୍ତି । ଏଥିସହ ରାଜ୍ୟ ସରକାର ଚାଷୀଙ୍କ ପ୍ରତି କିଭଳି ଅବହେଳା କରିଛନ୍ତି, ସେକଥା ମଧ୍ୟ ସମସ୍ତଙ୍କୁ ଜଣାଇଛନ୍ତି । ହେଲେ ରାଜ୍ୟ ସରକାର କେନ୍ଦ୍ରମନ୍ତ୍ରୀଙ୍କ ଏପରି ଆକ୍ରମଣରେ ଘାଇଲା । ଖାସ୍ ସେଥିପାଇଁ ନିଜ ଅପାରଗତାକୁ ଲୁଚାଇବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଅସଲ ମୁଖା ଖୋଲି ଦେବା ପରେ ରାଜ୍ୟ କୃଷିମନ୍ତ୍ରୀ କେନ୍ଦ୍ର କାହିଁକି ଅନୁପ୍ରବେଶ କରୁଛି ବୋଲି ପ୍ରଶ୍ନ କରୁଛନ୍ତି । ରାଜ୍ୟରେ ଚାଷୀଙ୍କ ପରିସ୍ଥିତି ସମୀକ୍ଷା କରିବା ପାଇଁ କ'ଣ କେନ୍ଦ୍ର ସରକାର ସ୍ଥାନୀୟ ସରକାରଙ୍କ ଅନୁମତି ନେବା ନିହାତି ଦରକାର ? କେନ୍ଦ୍ର ସରକାର ଦେଶର କଥା ବୁଝିବା ପାଇଁ ଲୋକେ ଭୋଟ୍ ଦେଇଛନ୍ତି । ଏପରି ସ୍ଥିତିରେ ରାଜ୍ୟର ସମସ୍ୟା ବୁଝିବା ପାଇଁ ଯଦି କେନ୍ଦ୍ର ସରକାର ତାଙ୍କ ପ୍ରତିନିଧିଙ୍କୁ ପଠାଇଲେ, ତା'ହେଲେ ଏଥିରେ ଅସୁବିଧା କେଉଁଠି ?

ଓପିନିଅନ୍ ପୋଲ୍

ଆଜିର ପ୍ରଶ୍ନ

ପରୀକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବାଲାଗି ନ୍ୟାସ୍‌ନାଲ୍ ଟେଷ୍ଟ ଏଜେନ୍ସୀ (ଏନ୍‌ଟିଏ) ଯୁକ୍ତିଯୁକ୍ତ କି ?

ଯଦି ଆପଣଙ୍କ ଉତ୍ତର ହଁ ତେବେ ଆମକୁ **Y**, ଯଦି ନା ତେବେ **N** ଲେଖି +91 7504762295ରେ ଏସ୍‌ଏମ୍‌ଏସ୍ କିମ୍ବା ହ୍ୱାଟ୍ସଆପ୍ କରନ୍ତୁ ।

(ଉତ୍ତର)

ଗତ ଥରର ପ୍ରଶ୍ନ:
କେନ୍ଦ୍ର କୃଷିମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ଅନୁଚିତ କି ?



ସୋଶାଲ୍ ମିଡିଆରେ 'ନିତିଦିନ'
SMS and Whatsapp No.: 7504762295
Twitter @nitidintoday
facebook.com/nitidintoday
email: nitidinedit@gmail.com

ସୋଶାଲ୍ ମିଡିଆରୁ

ଚାଷୀ ସମସ୍ୟା ଉତ୍କଟ ହେଉଛି

ଆଜିକା ଦିନରେ ଯଦି ସମାଜରେ କେହି ଅବହେଳିତ ଏବଂ ଅତ୍ୟଧିକ ସମସ୍ୟାର ସମ୍ମୁଖୀନ ହେଉଛି, ସେ ହେଉଛି ଚାଷୀ । ଚାଷୀମାନେ ତାଙ୍କ ଦୈନନ୍ଦିନ ଜୀବନରେ ଅନେକ କଷ୍ଟ ସହୁଛନ୍ତି । କେତେବେଳେ ତାଙ୍କ ଫସଲକୁ ପୋକ ଲାଗି ଯାଉଛି ତ ଆଉ କେତେବେଳେ ଅଦିନିଆ ବର୍ଷା ଏହାକୁ ଉଜାଡ଼ି ଦେଇଛି । କୃଷି ଏକ ଲାଭଦାୟକ ବ୍ୟବସାୟ ନୁହେଁ । ତେଣୁ ଚାଷୀ ସମସ୍ୟାକୁ ନେଇ ସରକାର ରାଜନୀତି କରିବା ଅପେକ୍ଷା, ଏହାର ପ୍ରତିକାର ପାଇଁ ପଦକ୍ଷେପ ଗ୍ରହଣ କରିବା ଦରକାର । ଗୋଟିଏ ପଟେ ଚାଷ ଉଜୁଡ଼ି ଯାଉଥିବା ବେଳେ ଅନ୍ୟପଟେ ଦେଶ ତଥା ରାଜ୍ୟରେ ଶିଳ୍ପାନୁଷ୍ଠାନକୁ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି । ଫ୍ୟାକ୍ଟ୍ରି ଓ ଶିଳ୍ପସଂସ୍ଥା ନିଯୁକ୍ତି ସୃଷ୍ଟି କରିପାରେ ହେଲେ ପେଟକୁ କେବେ ହେଲେ ଦାନା ଦେଇପାରିବ ନାହିଁ । ଏବେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି, ଆଗକୁ ଦେଶରେ ଖାଦ୍ୟାଭାବ ଦେଖାଯିବ ନାହିଁ ବୋଲି କିଏ କହିବ ? ଏଭଳି ଏକ ପରିସ୍ଥିତିର ସମ୍ମୁଖୀନ ହେବା ଅପେକ୍ଷା ସରକାର ଏହାର ବିକଳ୍ପ ବ୍ୟବସ୍ଥା କଥା ଚିନ୍ତା କରିବା ଦରକାର ।

ଚିନ୍ମୟ ପଟ୍ଟନାୟକ, ଭୁବନେଶ୍ୱର

ପ୍ରଦୂଷଣକୁ ନେଇ ଭିନ୍ନ ମତ

ପ୍ରଦୂଷଣ ଉପରେ କେନ୍ଦ୍ରମନ୍ତ୍ରୀ ଡ. ହର୍ଷବର୍ଦ୍ଧନଙ୍କ ଦୋମୁହାଁ ନୀତି ଧରା ପଡ଼ି ଯାଇଛି । ସେ କହିଛନ୍ତି ପ୍ରଦୂଷଣ ଜୀବଜଗତ ପ୍ରତି ଘାତକ ସାବ୍ୟସ୍ତ ହୋଇପାରେ । ହେଲେ ପ୍ରଦୂଷଣ କେବେ ହେଲେ କାହାର ଜୀବନ ନେଇପାରିବ ନାହିଁ । କିନ୍ତୁ ଫେବୃଆରୀ ମାସରେ ଡାକ୍ତର ହର୍ଷବର୍ଦ୍ଧନ ଦେଇଥିବା ମନ୍ତବ୍ୟ ଏବଂ ଏବେକାର ମନ୍ତବ୍ୟ ମଧ୍ୟରେ ଆକାଶ ପାତାଳର ତଫାତ ରହିଛି । ଫେବୃଆରୀମାସରେ ଏକ ବିଶ୍ୱସ୍ତରୀୟ ସର୍ଭେ ସଂସ୍ଥା ରିପୋର୍ଟ ଦେଇଥିଲା ଯେ, ୨୦୧୫ରେ ବାୟୁ ପ୍ରଦୂଷଣ ଯୋଗୁ ଭାରତରେ ୧୧ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଛି । ଏହି ରିପୋର୍ଟ ପରେ ଡାକ୍ତର ହର୍ଷବର୍ଦ୍ଧନ କହିଥିଲେ, ପ୍ରଦୂଷଣ ହେଉଛି ଏକ 'ସାଇଲେଣ୍ଟ୍ କିଲର୍' । ପ୍ରଦୂଷଣ ହେଉଛି ଏକ 'ସ୍ଲୋ ପଏଜନ୍', ଯାହା ମଣିଷକୁ ମାରିଦେଇପାରେ । ବିଶେଷ କରି ଛୋଟ ପିଲାଙ୍କ ପ୍ରତି ଏହା ଅତ୍ୟଧିକ ବିପଦଜ୍ଜନକ । ଏହା ଏକ କିଲର୍ । ପ୍ରଦୂଷଣ ମଣିଷର କିଡ୍‌ନୀ ଖରାପ କରିଦିଏ । ଏବେ ସେଇ ହର୍ଷବର୍ଦ୍ଧନ କେମିତି ପ୍ରଦୂଷଣ କେବେ ହେଲେ କାହାର ଜୀବନ ନେଇପାରିବ ନାହିଁ ବୋଲି କହୁଛନ୍ତି ?

ଅଳକା ଦାସ ମହାନ୍ତି, ଭୁବନେଶ୍ୱର

ଦେଶର ସମସ୍ୟା ପ୍ରଥମେ ଦୂର ହେଉ

ଦେଶର ବୈଜ୍ଞାନିକମାନେ ମଙ୍ଗଳ ଗ୍ରହକୁ ବେଶ ସଫଳତାର ସହ ରକେଟ୍ ପ୍ରେରଣ କରିବା ସହ ସେଠାରେ ଜୀବ ଜଗତର ସନ୍ଧାନ କରୁଛନ୍ତି । ଏହା ଦେଶ ପାଇଁ ଏକ ଗର୍ବର ବିଷୟ ବୋଲି କିଛି ଲୋକେ କହୁଛନ୍ତି । ହଁ ଏଥିରେ ଦ୍ୱିମତ ନାହିଁ । ହେଲେ ଦେଶରେ ପ୍ରଥମେ ଲୋକମାନଙ୍କ ମଧ୍ୟରେ ଉତ୍ତମ ଯୋଗାଯୋଗ ପାଇଁ ବ୍ୟବସ୍ଥା ହେବା ଜରୁରୀ । ମଙ୍ଗଳ କିମ୍ବା ଅନ୍ୟ ଗ୍ରହ ବାବଦରେ ତଥ୍ୟ ସଂଗ୍ରହ କାର୍ଯ୍ୟ ବିଳମ୍ବ ହେଲେ ଚଳିବ । କିନ୍ତୁ ଦେଶରେ ଯେଉଁ ସମସ୍ୟା ରହିଛି, ତାକୁ କେମିତି ବୈଜ୍ଞାନିକ ଜ୍ଞାନ କୌଶଳ ମାଧ୍ୟମରେ ସମାଧାନ କରାଯାଇ ପାରିବ, ସେକଥା ଚିନ୍ତା କରାଯିବା ଦରକାର । ଆମ ପିଲାମାନେ ରାସ୍ତାରେ ଭିକ ମାଗୁଛନ୍ତି । ଅପପୁଷ୍ଟିର ଶିକାର ହୋଇ ଜୀବନ ହରାଉଛନ୍ତି । କୃଷିର ଉନ୍ନତି ହେଉନି ବୋଲି ଆମ ଚାଷୀମାନେ ଆତ୍ମହତ୍ୟା କରୁଛନ୍ତି । ଧର୍ମକୁ ନେଇ ବିବାଦ ବଢ଼ିବାରେ ଲାଗିଛି । ଅନ୍ୟ ଦେଶଗୁଡ଼ିକ ତୁଳନାରେ ଆମ ଦେଶ ପଛରେ ପଡ଼ିଛି । ଆମ ଦେଶରେ ନିଯୁକ୍ତି ଅଭାବରୁ ଯୁବଗୋଷ୍ଠୀ ବିଦେଶ ଯାଉଛନ୍ତି । ଏହାର ସମାଧାନ କେବେ ?

ସ୍ୱୟମ୍ଭୁ ମିଶ୍ର, କଟକ

ବାପାମା'ଙ୍କୁ ନିର୍ଯାତନା

କଟକରେ ଜଣେ ବୃଦ୍ଧଙ୍କୁ ତାଙ୍କ ପୁଅ ବୋହୂ ଦୀର୍ଘଦିନ ହେଲା ନିର୍ଯାତନା ଦେଇ ଆସୁଥିଲେ । ଏବେ କିନ୍ତୁ ଘଟଣା ଆହୁରି ସାଂଘାତିକ ରୂପ ନେଇଛି । ପୁଅ ବୋହୂ ମିଳିତ ଭାବେ ବୃଦ୍ଧ ବାପାଙ୍କୁ ମାଡ଼ ମାରିଛନ୍ତି । ନିଜ ବାପାଙ୍କୁ ମାଡ଼ ମାରିବା ପାଇଁ କେମିତି ନିଜ ଜନ୍ମ କଲା ପୁଅର ହାତ ଗଲା ? ଏତେ ସବୁ ପରେ ବି ବୃଦ୍ଧ ଜଣଙ୍କ ନିଜ ପୁଅ ଓ ବୋହୂ ବିରୋଧରେ ମୁହଁ ଖୋଲିବାକୁ ପଛଘୁଞ୍ଚା ଦେଉଛନ୍ତି । ଏହା ଆମ ରାଜ୍ୟରେ ପ୍ରଥମ ଘଟଣା ନୁହେଁ, ପ୍ରତ୍ୟେକ ଦିନ ରାଜ୍ୟର କୋଣଅନୁକୋଣରେ ଏମିତି ଅନେକ ବୃଦ୍ଧ ବାପା ମା' ନିଜ ପିଲାଙ୍କ ଦ୍ୱାରା ନିର୍ଯାତିତ ହେଉଛନ୍ତି । ଯେଉଁ ବାପା ମା' ନିଜେ ନଖାଇ, ପିଲାଙ୍କ ପେଟକୁ ଦାନା ଦେଉଥିଲେ, ଆଜି ସେହି ପିଲା ସେମାନଙ୍କୁ ବଡ଼ ହେଲା ପରେ ଗୋଇଠା ମାରୁଛନ୍ତି । ଖାଲି ସେତିକି ନୁହେଁ, ପିଲାମାନଙ୍କଠାରୁ ନିର୍ଯାତିତ ହେଉଥିଲେ ମଧ୍ୟ ବୃଦ୍ଧ ପିତାମାତା କାହା ଆଗରେ ନିଜ ପିଲାଙ୍କ ବିରୋଧରେ ମୁହଁ ଖୋଲୁ ନାହାନ୍ତି । ନିଜ ବାପାମା'ଙ୍କୁ ମାଡ଼ ମାରୁଥିବା ପିଲାମାନେ ମଣିଷ ନୁହନ୍ତି । ସେମାନଙ୍କୁ ଭଗବାନ କ୍ଷମା କରିବେନି ।

ପରେଶ ପ୍ରଧାନ, ପୁରୀ